# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**3 January - 2025**

**News Editor : Tapan Kumar Maharana**

*********************************

## ମୁଖ୍ୟ ସମ୍ବାଦ

- ଓଡ଼ିଶାର ୨୭ତମ ରାଜ୍ୟପାଳ ଭାବେ ଡକ୍ଟର ହରିବାବୁ କମ୍ଭମ୍‌ପତି ନେଲେ ଶପଥ
- ନିକଟ ଅତୀତରେ ହୋଇଥିବା ଅଦିନିଆ ବର୍ଷାକୁ ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା କଲେ ରାଜ୍ୟ ସରକାର

— ବର୍ଷା ଯୋଗୁଁ ପ୍ରାୟ ୬ ଲକ୍ଷ ୬୭ ହଜାର ଚାଷୀ ହୋଇଛନ୍ତି କ୍ଷତିଗ୍ରସ୍ତ

- ଭୁବନେଶ୍ୱରରେ ଆଜିଠାରୁ ଆରମ୍ଭ ହେଲା ତିନି ଦିନିଆ **କୃଷି ଓଡ଼ିଶା ସମ୍ମିଳନୀ-୨୦୨୫**
- 'ସୁରକ୍ଷିତ ଭାବେ ଘରକୁ ଫେରନ୍ତୁ'ର ବାର୍ତ୍ତା ନେଇ ରାଜ୍ୟବ୍ୟାପୀ ପାଳନ କରାଯାଉଛି ସଡକ ସୁରକ୍ଷା ସପ୍ତାହ

ଏବଂ

- ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ଆଜିଠାରୁ ଆରମ୍ଭ

## ରାଜ୍ୟପାଳ ଶପଥଗ୍ରହଣ

ଓଡ଼ିଶାର ୨୭ତମ ରାଜ୍ୟପାଳ ଭାବେ ଡକ୍ଟର ହରିବାବୁ କମ୍ଭମ୍‌ପତି ଆଜି ପୂର୍ବାହ୍ନରେ ରାଜଭବନଠାରେ ଶପଥ ନେଇଛନ୍ତି । ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂହ ଡକ୍ଟର କମ୍ଭମ୍‌ପତିଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ ।

**- V/O -**

ଶପଥଗ୍ରହଣ ସମାରୋହରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡା, ବିରୋଧି ଦଳ ନେତା ନବୀନ ପଟ୍ଟନାୟକ ଏବଂ କେତେଜଣ ସାଂସଦ ଓ ରାଜ୍ୟ ସରକାରଙ୍କର ମନ୍ତ୍ରିମଣ୍ଡଳର ସଦସ୍ୟମାନଙ୍କ ସହିତ ଅନ୍ୟମାନେ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ଗତ ଡିସେମ୍ବର ମାସ ୨୪ ତାରିଖରେ ଓଡ଼ିଶାର ରାଜ୍ୟପାଳ ଭାବେ ହରିବାବୁ କମ୍ଭମ୍‌ପତିଙ୍କୁ ରାଷ୍ଟ୍ରପତି ନିଯୁକ୍ତି ଦେଇଥିଲେ ।

## ପ୍ରାକୃତିକ ବିପର୍ଯ୍ୟୟ ଘୋଷଣା

ନିକଟ ଅତୀତରେ ହୋଇଥିବା ଅଦିନିଆ ବର୍ଷାକୁ ରାଜ୍ୟ ସରକାର ପ୍ରାକୃତିକ ବିପର୍ଯ୍ୟୟ ଭାବେ ଘୋଷଣା କରିଛନ୍ତି । ଭୁବନେଶ୍ୱର ବରମୁଣ୍ଡା ପଡିଆଠାରେ କୃଷି ଓଡ଼ିଶା ସମ୍ମିଳନୀ-୨୦୨୫କୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଚାଷୀମାନଙ୍କର କ୍ଷତିକୁ ଦେଖି ସରକାର

ଏହି ପଦକ୍ଷେପ ନେଇଛନ୍ତି। ସୂଚନା ଅନୁସାରେ, ଅଦିନିଆ ବର୍ଷା ଜନିତ ଫସଲ କ୍ଷୟକ୍ଷତି ବାବଦରେ ବିଭିନ୍ନ ଜିଲ୍ଲା ପ୍ରଶାସନ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ, ୬ ଲକ୍ଷ ୬୬ ହଜାର ୭୨୦ ଜଣ ଚାଷୀ ଅଦିନିଆ ବର୍ଷା ଯୋଗୁଁ କ୍ଷତିଗ୍ରସ୍ତ ହୋଇଛନ୍ତି। ୨ ଲକ୍ଷ ୨୬ ହଜାର ୭୯୧ ହେକ୍ଟର ଜମିରେ ୩୩ ପ୍ରତିଶତରୁ ଅଧିକ  ଫସଲ ବର୍ଷାଯୋଗୁଁ ନଷ୍ଟ ହୋଇଛି। ରାଜ୍ୟ ବିପର୍ଯ୍ୟୟ ରିଲିଫ୍ ପାଣ୍ଠିରୁ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ୨୯୧ କୋଟି ୫୯ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।  ଉଦ୍‌ଘାଟନ ସମାରୋହରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଚାଷୀମାନଙ୍କୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଏମ୍‌ଏସ୍‌ପି ବାବଦରେ ୨ ହଜାର ୩୦୦ ଟଙ୍କା ଏବଂ ଇନ୍‌ପୁଟ ସବ୍‌ସିଡି ବାବଦରେ ୮୦୦ ଟଙ୍କା ଦିଆଯାଉଛି।

# - V/O -

ଅନ୍ୟପକ୍ଷରେ, ଫସଲବୀମା ଯୋଜନାର ଅବଧି ୭୨ ଘଣ୍ଟା ବୃଦ୍ଧି ଯୋଗୁଁ ୨ ଲକ୍ଷ ୬୧ ହଜାର ଚାଷୀ ଫସଲବୀମା ସହାୟତା ପାଇବା ପାଇଁ ଆବେଦନ କରିପାରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କ୍ଷତିପୂରଣ ବାବଦରେ ଆଜିଠାରୁ ଡିବିଟି ଜରିଆରେ ଆର୍ଥିକ ସହାୟତା ଦେବା ଆରମ୍ଭ ହୋଇଛି। କୃଷି ଓଡ଼ିଶା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀଙ୍କ ସମେତ କୃଷି ସଚିବ ଅରବିନ୍ଦ ପାଢ଼ୀ ଉପସ୍ଥିତ ଥିଲେ। ସମ୍ମିଳନୀରେ ରାଜ୍ୟର ସମସ୍ତ ଜିଲ୍ଲାର ଚାଷୀ ଭାଗ ନେଇଛନ୍ତି।

# କ୍ୟାବିନେଟ୍ ବୈଠକ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ରାଜ୍ୟ କ୍ୟାବିନେଟ୍‌ର ବୈଠକ ଅପରାହ୍ନରେ ବସିବାର କାର୍ଯ୍ୟସୂଚୀ ରହିଛି । ଭୁବନେଶ୍ୱର ଲୋକସଭା ଭବନରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ପ୍ରାୟ ୮ଟି ପ୍ରସ୍ତାବ ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି । ରାଜ୍ୟ ସରକାରଙ୍କର ଚଳିତବର୍ଷର ଏହା ପ୍ରଥମ କ୍ୟାବିନେଟ୍ ବୈଠକ ହେବ ।

## ସଡକ ସୁରକ୍ଷା

'ସୁରକ୍ଷିତ ଭାବେ ଘରକୁ ଫେରନ୍ତୁ' ଚଳିତବର୍ଷର ସଡକ ସୁରକ୍ଷା ସପ୍ତାହ ପାଳନର ସଚେତନତା ବାର୍ତ୍ତା ନେଇ ରାଜ୍ୟର ସମସ୍ତ ଜିଲ୍ଲାରେ ସଡକ ସୁରକ୍ଷା ସପ୍ତାହ ପାଳନ କରାଯାଉଛି ।

ସଡ଼କ ଦୁର୍ଘଟଣାରେ ଅଧିକରୁ ଅଧିକ ଜୀବନକୁ କିପରି ରକ୍ଷା କରାଯାଇପାରିବ ସେହି ସମ୍ବନ୍ଧରେ ବାର୍ତ୍ତା ଦିଆଯାଉଛି । ଜିଲ୍ଲାସ୍ତରରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଏବଂ ପୁଲିସର ମିଳିତ ସହଯୋଗରେ ବିଭିନ୍ନ ସଚେତନତା ମୂଳକ ସଡ଼କ ସୁରକ୍ଷା ସମ୍ବନ୍ଧୀୟ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି ।

ଚଳିତମାସକୁ ଜାତୀୟ ସଡକ ସୁରକ୍ଷା ମାସ ରୂପେ ପାଳନ କରିବା ପାଇଁ କେନ୍ଦ୍ର ସଡକ ପରିବହନ ମନ୍ତ୍ରୀ ନୀତିନ୍ ଗଡକରୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅନୁରୋଧ କରିଛନ୍ତି ।

ସଡକ ସୁରକ୍ଷା ସପ୍ତାହ ପାଳନ ଅବସରରେ **ଭଦ୍ରକ** ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସଡକ ସୁରକ୍ଷା ରଥ ଭଦ୍ରକ ସହର ପରିକ୍ରମା କରିଛି । ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ବିଧାୟକ ଅଶୋକ ଦାସ ଏବଂ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ପ୍ରମୁଖ ସଡକ ସୁରକ୍ଷା ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏନ୍‌ସିସି, ସ୍କାଉଟ ଆଣ୍ଡ୍ ଗାଇଡ୍, ରେଡକ୍ରସ୍‌ର ସଦସ୍ୟମାନଙ୍କ ସମେତ ବିଭିନ୍ନ ବର୍ଗର ସାଧାରଣ ନାଗରିକ ଓ ଅନୁଷ୍ଠାନ ଏହି ପଦଯାତ୍ରାରେ ସାମିଲ୍ ଥିଲେ ।

## ସଡକ ସୁରକ୍ଷା

**ଗଞ୍ଜାମ** ଜିଲ୍ଲା ରଙ୍ଗେଇଲୁଣ୍ଡା ବ୍ଲକ୍ ଅନ୍ତର୍ଗତ ଗୋଳନ୍ଥରାର ଗାନ୍ଧି ଇଂଜିନିୟରିଂ କଲେଜ ପରିସରରେ ସଡକ ସୁରକ୍ଷା ମାସ ପାଳନକୁ ନେଇ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ଟ୍ରାଫିକ୍ ସମ୍ବନ୍ଧୀୟ ପାଠ୍ୟକ୍ରମକୁ ବୈଷୟିକ ଶିକ୍ଷାରେ ସାମିଲ କରିବା ପାଇଁ ମନ୍ତ୍ରୀ ଶ୍ରୀ ଜେନା ପରାମର୍ଶ ଦେଇଛନ୍ତି ।

## ସଡକ ସୁରକ୍ଷା-ନୂଆପଡା

**ନୂଆପଡା** ଜିଲ୍ଲା ଖଡିଆଳଠାରେ ସଡକ ସୁରକ୍ଷା ମାସ ପାଳନ ଅବସରରେ ସଡକ ସୁରକ୍ଷା ସମ୍ବନ୍ଧିତ ସଚେତନ ଶୋଭାଯାତ୍ରା, ହେଲମେଟ୍ ବ୍ୟବହାର ନେଇ ରାଜା ଆର୍ତ୍ତତ୍ରାଣ ହାଇସ୍କୁଲଠାରୁ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା । ହେଲମେଟ୍ ବ୍ୟବହାର କରୁଥିବା ଚାଳକମାନଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ କରାଯାଇଥିଲା । ଖଡିଆଳ ବସ୍ ମାଲିକ ସଂଘ, ଜିଲ୍ଲା ପୁଲିସ୍

ଏବଂ ଛାତ୍ରଛାତ୍ରୀମାନଙ୍କ ସହଯୋଗରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।

## ଜାତୀୟ ରାଜ୍ୟମାର୍ଗ

କେନ୍ଦ୍ର ସଡକ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟର ସୂଚନା ଅନୁସାରେ, ଦେଶର ଏକ୍ସପ୍ରେସ୍ ହାଇୱେ ଓ ଜାତୀୟ ରାଜ୍ୟମାର୍ଗଗୁଡ଼ିକୁ ଅଧିକ ସୁରକ୍ଷିତ ଯାନବାହାନ ଚଳାଚଳ ପାଇଁ ଚଳିତମାସ ୨୪ ତାରିଖରୁ ଯାତାୟାତ ସଂକେତ ସମ୍ପର୍କିତ ନୂଆ ନିୟମ ଲାଗୁ କରାଯିବ। ରାଜମାର୍ଗରେ ବଡ଼ ବଡ଼ ସଚିତ୍ର ହୋର୍ଡିଂରେ ସାଂକେତିକ ଚିହ୍ନ ରହିବ। ଯାହାକୁ ବାହାନ ଚାଳକ ସହଜରେ ଦେଖିପାରିବେ ଓ ଠିକ୍ ସମୟରେ ଉଚିତ ନିଷ୍ପତ୍ତି ନେବାରେ ସହାୟକ ହୋଇପାରିବ। ଧଳା, ନାଲି, ହଳଦିଆ ଓ ସବୁଜ ରଙ୍ଗର ହୋର୍ଡିଂଗୁଡ଼ିକରେ ରାଜମାର୍ଗ ଏବଂ ଏକ୍ସପ୍ରେସ୍ ହାଇୱେଗୁଡ଼ିକରେ କେଉଁ ଗାଡି କେତେ କିଲୋମିଟର ବେଗରେ ପ୍ରତିଘଣ୍ଟାରେ ଚାଲିବ ସେଥିରେ ଉଲ୍ଲେଖ ରହିବ। ଏହାସହିତ ନୂଆ ନିୟମ ୧୦୩୩ ଆପାତକାଳୀନ ହେଲ୍ପଲାଇନ୍ ମଧ୍ୟ ପ୍ରତ୍ୟେକ ୫ କିଲୋମିଟର ଦୂରତାରେ ଲଗାଯିବ ବୋଲି ରାଜମାର୍ଗ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି।

## ରତ୍ନଭଣ୍ଡାର ମରାମତି

ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାର୍ଯ୍ୟ ଆଜିଠାରୁ ପୁଣି ଥରେ ଆରମ୍ଭ ହୋଇଛି। ବଡ଼ଦିନ ଏବଂ ନୂଆବର୍ଷ ଯୋଗୁଁ ଗତ ଡିସେମ୍ବର ୨୫ ତାରିଖରୁ ୨

ତାରିଖ ପର୍ଯ୍ୟନ୍ତ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ସ୍ଥଗିତ ରଖାଯାଇଥିଲା । ଭିତର ରତ୍ନଭଣ୍ଡାର ଓ ବାହାର ରତ୍ନଭଣ୍ଡାର ସଂରକ୍ଷଣ କାର୍ଯ୍ୟ ଶେଷ ହେବା ପରେ ରତ୍ନଭଣ୍ଡାରର ବାହାର ପଟ ମରାମତି କରାଯିବ । ଆଜି ଦ୍ୱିତୀୟ ଭୋଗମଣ୍ଡପ ପରେ ମରାମତି କାମ ଆରମ୍ଭ ହୋଇଥିବାବେଳେ ଏହି ସମୟରେ ଭିତର କାଠ ଦର୍ଶନ ବନ୍ଦ ରହିଛି । ଭକ୍ତମାନେ ମରାମତି ସମୟରେ ବାହାର କାଠରୁ ଦର୍ଶନ କରୁଛନ୍ତି ।

## ଧନୁଯାତ୍ରା

ବରଗଡ଼ର ବିଶ୍ୱପ୍ରସିଦ୍ଧ ୭୭ତମ ଧନୁଯାତ୍ରା ମହୋତ୍ସବ ଆଜିଠାରୁ ଆରମ୍ଭ ହେଉଛି । ବରଗଡ଼ ସହରର ଗାନ୍ଧିଛକଠାରୁ ଏକ ସାଂସ୍କୃତିକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଛି । ବରଗଡ଼ ସହରର ହାଟପଦାଠାରେ ରାଜଦରବାର ନିର୍ମାଣ ହୋଇଥିବାବେଳେ ନିଶାମଣି ସ୍କୁଲ୍‌ପଡ଼ିଆରେ ଭବ୍ୟ ରଙ୍ଗମହଲ ତିଆରି ହୋଇଛି । ୧୧ ଦିନ ପାଇଁ ବରଗଡ଼ ସହର 'ମଥୁରା' ଏବଂ ଅମ୍ବାପଲ୍ଲି ଅଞ୍ଚଳକୁ 'ଗୋପପୁର' କରାଯାଇଛି । ପୌରାଣିକ କଥାବସ୍ତୁ ଅନୁସାରେ ମଥୁରାରେ ମହାରାଜ କଂସଙ୍କର ରାଜୁତି ଏବଂ ଗୋପପୁରରେ ଶ୍ରୀକୃଷ୍ଣ ଓ ଶ୍ରୀବଳରାମଙ୍କ ବାଲ୍ୟଲୀଳା ଅଭିନୀତ ହେବ । ଉଦ୍‌ଘାଟନ ଦିବସରେ ଆଜି ଦେବକୀ ଓ ବସୁଦେବଙ୍କ ବିବାହ, ମହାରାଜ କଂସଙ୍କ ସିଂହାସନ ଆରୋହଣ, ଦେବକୀ ଓ ବସୁଦେବଙ୍କୁ ବନ୍ଦୀ କରି କାରାଗାରକୁ ପଠାଯିବ । ଉଦ୍‌ଘାଟନ ସମାରୋହରେ ବରଗଡ ସାଂସଦ ପ୍ରଦୀପ ପୁରୋହିତ, ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ଜିଲ୍ଲାପାଳ ଆଦିତ୍ୟ ଗୋଏଲ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

# ପ୍ରବାସୀ ଭାରତୀୟ ଦିବସ

ରାଜଧାନୀରେ ୧୮ତମ ପ୍ରବାସୀ ଭାରତୀୟ ଦିବସ ଆସନ୍ତା ଜାନୁୟାରୀ ୮ ତାରିଖରୁ ଆରମ୍ଭ ହେବ। ଏହି କାର୍ଯ୍ୟକ୍ରମରେ ୪୫ ରୁ ଅଧିକ ଦେଶରେ ବସବାସ କରୁଥିବା ପ୍ରବାସୀ ଭାରତୀୟ ଯୋଗଦେବେ। ଭୁବନେଶ୍ୱରଠାରେ ଆୟୋଜନ ହେବାକୁ ଥିବା ୩ ଦିନିଆ କାର୍ଯ୍ୟକ୍ରମରେ ପ୍ରାୟ ୭ ହଜାର ପ୍ରବାସୀ ଭାରତୀୟ ଯୋଗଦେବେ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ବର୍ତ୍ତମାନସୁଦ୍ଧା ୪୫ଟି ଦେଶର ୧ ହଜାର ୪୯୩ ଜଣ ପ୍ରବାସୀ ଭାରତୀୟ ନାମ ପଞ୍ଜୀକରଣ କରିଥିବା ବୈଦେଶିକ ମନ୍ତ୍ରଣାଳୟ ସୂତ୍ରରୁ ଜଣାପଡିଛି।

*******************************